## ନିରାକାରପୁରରେ ପ୍ରଥମ କରୋନା

# ୭୨ଘଣ୍ଟା କଣ୍ଟେନ୍‌ମେଣ୍ଟ୍ ଜୋନ୍ ହେଲା ରାଉଳହଜ



**ଖୋର୍ଦ୍ଧା,୨୯।୬/ଏନ୍‌ଏନ୍‌ଏସ୍ :** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରାଉଳହଜ ଅଞ୍ଚଳରୁ ଜଣେ ଡାକ୍ତର କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହା ଜଣାପଡ଼ିବା ପରେ ତାଙ୍କୁ ରବିବାର ଭୁବନେଶ୍ୱର କୋଭିଡ କେନ୍ଦ୍ରକୁ ନିଆଯାଇଛି। ଖବରପାଇ ଟାଙ୍ଗୀ ବିଡିଓ ଜିଲ୍ଲାପାଳଙ୍କୁ ଅବଗତ କରାଇବାପରେ ଜିଲ୍ଲାପାଳ ସିତାଂଶୁ କୁମାର ରାଉତଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସରପଞ୍ଚ ହୃଷୀକେଶ ରାଉତରାୟ ଏହାକୁ ସୋମବାର ଦିନ ସନ୍ଧ୍ୟା ୭ଟା ଠାରୁ ୭୨ ଘଣ୍ଟା ଅର୍ଥାତ ଗୁରୁବାର ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଉକ୍ତ ଡାକ୍ତରଙ୍କ ଘର ସମେତ ଏହାର ଆଖ ପାଖ ଇଲାକାକୁ କଣ୍ଟେନମେଣ୍ଟ୍ ଜୋନ୍ ବୋଲି ଘୋଷଣା କରି ସିଲ୍ କରିଛନ୍ତି। ପଜିଟିଭ୍ ବାହାରିଥିବା ଡାକ୍ତର ଜଣଙ୍କ ଝାଡ଼ସୁଗୁଡ଼ା ଥିବା ଭୂଷଣ ଷ୍ଟିଲପ୍ଲାଣ୍ଟ ଥିବା ମେଡ଼ିକାଲରେ ଡାକ୍ତର ଭାବେ କାର୍ଯ୍ୟରତ ଅଛନ୍ତି। ସେ ଗତ ଦୁଇ ମାସ ହେବ ବାପାଙ୍କ ଦେହ ଖରାପଥିବା ଯୋଗୁ ଘରକୁ ଆସିଥିଲେ। ତେବେ ସେହି ଭିତରେ ବାପାଙ୍କର ଗତ ୨୧ଦିନ ତଳେ ଦେହାନ୍ତ ହୋଇ ଶୁକ୍ରବାର ଦିନ ଶୁଦ୍ଧକ୍ରିୟା ସରିବାପରେ ଝାଡ଼ସୁଗୁଡ଼ା ଯିବା ପୂର୍ବରୁ ସେ ନିଜ ପଇସାରେ କରୋନା ଟେଷ୍ଟ କରାଇଥିଲେ। ସେଥିରେ ପଜିଟିଭ୍ ଭାହାରିଥିଲା। ସୋମବାର ଜିଲ୍ଲାପାଳଙ୍କ କ୍ୟାମ କାର୍ଯ୍ୟାଳୟରୁ ଚିଠି ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ଜିଲ୍ଲାପାଳଙ୍କ କ୍ଷମତାର ପ୍ରୟୋଗକରି ସୋମବାର ସନ୍ଧ୍ୟା ୭ଟା ଠାରୁ ୭୨ ଘଣ୍ଟା ଅର୍ଥାତ ଗୁରୁବାର ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାଉଳହଜ ଶନି ମନ୍ଦିରଠାରୁ ରଥ କଲୋନୀ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରି ଡାକ୍ତର ରହୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ତେବେ ତାଙ୍କ ବାପାଙ୍କ ଶୁଦ୍ଧ କ୍ରିୟା ଭୋଜି ଖାଇବାକୁ ଅନେକ ଲୋକଯାଇଥିବା ବେଳେ ସେ ଶୁଦ୍ଧ କ୍ରିୟା ନିମନ୍ତେ ସର୍ବସାଧରଣ ପୋଖରିକୁ ଯାଇଥିଲେ। ଦୀର୍ଘ ଦୁଇ ମାସ ହେବ ଆସି ବଜାର ଘାଟ ଏପରିକି ସେଲୁନକୁ ଯାଇଛନ୍ତି ଏବଂ ତାଙ୍କ ଘରେ ସାଙ୍ଗରେ ଅନେକ ଲୋକ ମିଳାମିଶା କରିଥିବା କୁହାଯାଉଛି। ଏହି ପରିବାର ସହିତ ମିଳାମିଶା କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ପରୀକ୍ଷା କରାଯାଉ ବୋଲି ଗ୍ରାମର କିଛି ଲୋକ ଦାବି କରିଛନ୍ତି। ତେବେ ସ୍ଥାନୀୟ ସରପଞ୍ଚ ହୃଷିକେଶ ରାଉତରାୟ ଆସନ୍ତାକାଲି ଏ ବିଷୟରେ ଡ଼ାକ ବାଜି ଯନ୍ତ୍ର ସାହାଯ୍ୟରେ ସମସ୍ତଙ୍କୁ ସଚେତନ କରିବେ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ହୋମ କ୍ୱାରେଣ୍ଟାଇନରେ ରହିବାସହ ନିଜକୁ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।